# ମୁଖବନ୍ଧ

ମାର୍ଚ୍ଚ 2018 ରେ ସମାପ୍ତ ବର୍ଷ ସମ୍ବନ୍ଧିତ ପ୍ରତିବେଦନଟି ରାଜ୍ୟ ବିଧାନ ସଭାରେ ଉପସ୍ଥାପନ ନିମିତ୍ତ ଭାରତୀୟ ସମ୍ବିଧାନର ଧାରା 151 ଅନୁଯାୟୀ ରାଜ୍ୟପାଳଙ୍କ ନିକଟରେ ଦାଖଲ ନିମନ୍ତେ ପ୍ରସ୍ତୁତ କରାଯାଇଅଛି ।

ଏହି ପ୍ରତିବେଦନରେ ଯୋଜନା ଓ ଅଭିସରଣ, ବିଜ୍ଞାନ ଓ ବୈଷୟିକ ଜ୍ଞାନ, ଶକ୍ତି, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳଗୁଡ଼ିକୁ ସ୍ଥାନିତ କରାଯାଇଛି।

2017-18 ଅବଧି ପାଇଁ କରାଯାଇଥିବା ନମୁନା ସମୀକ୍ଷା ସମୟରେ ଦୃଷ୍ଟିଗୋଚର ହୋଇଥିବା ତଥା ବିଗତ ବର୍ଷମାନଙ୍କରେ ଦୃଷ୍ଟିକୁ ଆସିଥିବା ସତ୍ତ୍ୱେ ପ୍ରତିବେଦନରେ ସାମିଲ କରାଯାଇ ନଥିବା ମାମଲାଗୁଡ଼ିକ ଏହି ପ୍ରତିବେଦନରେ ସ୍ଥାନିତ କରାଯାଇଛି। ଆବଶ୍ୟକ ସ୍ଥଳେ 2017-18 ପରବର୍ତ୍ତୀ ଅବଧି ସହ ଜଡ଼ିତ ମାମଲା ଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନାଦର୍ଶ ଆଧାରରେ ସମୀକ୍ଷା ପରିଚାଳନା କରାଯାଇଛି ।

ଅନୁଦିତ ପାଠାନ୍ତରରେ ଯଦି କୌଣସି ସନ୍ଦେହ ଉପୁଜେ ତେବେ ଇଂରାଜୀ ପାଠାନ୍ତରକୁ ପ୍ରମାଣିକ ଭାବେ ଗ୍ରହଣ କରିବା ବିଧେୟ ।

.